

# ଶ୍ରୀରାମ ଚରିତ ମାନସ





ଗୋସ୍ୱାମୀ ତୁଳସୀଦାସଙ୍କ ରଚିତ ଶ୍ରୀରାମଚରିତ ମାନସ କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ । ସାମାଜିକ ଜୀବନ ଉପରେ ଏହାର ଗଭୀର ପ୍ରଭାବ ସମଗ୍ର ବିଶ୍ୱରେ ସ୍ୱୀକୃତ । ମାନସର ମର୍ମଜ୍ଞ ବିଦ୍ୱାନ, କେନ୍ଦ୍ରାପଡା ଅଭୟା ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ସ୍ୱର୍ଗତ ପଣ୍ଡିତ ବାଞ୍ଛାନିଧି ଦାଶଙ୍କ ଦ୍ୱାରା ଲୋକପ୍ରିୟ ନବାକ୍ଷରୀ ଛନ୍ଦରେ ହୋଇଥିବା ଏହାର ଭାବଗର୍ଭକ ଅନୁବାଦ ଫଶ୍ରୁତି'ରେ ସଂପୂର୍ଣ୍ଣ ପ୍ରକାଶିତ ହେବା ପରେ ଆମ ପାଠକମାନଙ୍କ ଅନୁରୋଧରେ ପୁନଃ ପ୍ରକାଶିତ ହେଉଛି । ପୂର୍ବପରି ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ।

**ବ୍ରହ୍ମ ସଭାଁ ହମ ସନ ଦୁଖୁ ମାନା ।**
**ତେହିତେଂ ଅଜହୁଁକରହିଁ ଅପମାନା ॥**
**ଜୌଂ ବିନୁ ବୋଲେଁ ଜାହୁ ଭବାନୀ ।**
**ରହଇ ନସୀଲୁ ସନେହୁ ନ କାନୀ ॥**
ଥରେ ସଭାରେ ବ୍ରହ୍ମାଙ୍କର ।
ଦକ୍ଷ ବହିଣ ଅହଂକାର ॥
ମୋ ପ୍ରତି ଅତି କୋପ କଲେ ।
ବଇରି ପଣରେ ଗଣିଲେ ॥
ଆଜିବି ବହି ଅଭିମାନ ।
ମୋତେ କରନ୍ତି ଅପମାନ ॥
ଭବାନୀ ଶୁଣ କହେ ମୁହିଁ ।
ତାହାଙ୍କ ଡାକରା ନପାଇ ॥
ଯଦି ପିତାଙ୍କ ଗୃହେ ଯିବ ।
ଶୀଳ ସେନହେ ନରହିବ ॥
ମାନ ମର୍ଯ୍ୟାଦା ହେବ ନଷ୍ଟ ।
ଅନ୍ତେ ଭୋଗିବ ମହାକଷ୍ଟ ॥
**ଯଦପି ମିତ୍ର ପ୍ରଭୁ ପିତୁଗୁର ଗେହା ।**
**ଜାଇଅ ବିନୁ ବୋଲେହୁଁ ନ ସଁଦେହା ॥**
**ତଦପି ବିରୋଧ ମାନ ଜହଁ କୋଇ ।**
**ତହାଁ ଗଏଁ କଲ୍ୟାନୁ ନ ହୋଇ ॥**
ସୁହୃଦ ସ୍ୱାମୀ ଗୁରୁପିତା ।
ସ୍ୱଭାବେ ସଦା ହିତ କର୍ତ୍ତା ॥
ନଥିଲେ ମଧ ନିମନ୍ତ୍ରଣ ।
ଏହାଙ୍କ ଗୃହକୁ ଗମନ ॥
ଅତ୍ୟନ୍ତ ଉଚିତ ଅଟଇ ।
ଏଥି ସଂଦେହ ତିଳେ ନାହିଁ ॥
ତହିଁ ମଧ୍ୟରୁ କେହି ଯେବେ ।
ବଇରିପଣ କରୁଥିବେ ॥
ତାହାଙ୍କ ଗୃହେ ଯଦି ଯିବ ।
କଲ୍ୟାଣ କଦାପି ନୋହିବ ॥

**ଭାଁତି ଅନେକ ସଂଭୁ ସମୁଝାଓ୍ୱା ।**
**ଭାଓ୍ୱୀ ବସ ନ ଗ୍ୟାନୁ ଉର ଆଓ୍ୱା ॥**
**କହ ପ୍ରଭୁ ଜାହୁ ଜୋ ବିନହିଁ ବୋଲାଏ ।**
**ନହିଂ ଭଲି ବାତ ହମାରେ ଭାଏଁ ॥**
ଦେଖିଣ ସତୀଙ୍କ ନିଶ୍ଚୟ ।
ଶଙ୍କର କରୁଣାନିଳୟ ॥
ନାନା ପ୍ରକାର କଥା କହି ।
ବାରଣ କଲେ ଯିବା ପାଇଁ ॥
ତଥାପି ଦେବୀଙ୍କର ହୃଦେ ।
ହୋଇଲା ନାହିଁ ଜ୍ଞାନ ଉଦେ ॥
ଭାଗ୍ୟରେ ଯାହା ଲେଖା ଥିବ ।
ତାକୁ କେ ଅନ୍ୟଥା କରିବ ॥
ପୁଣି କହନ୍ତି ସଦାଶିବ ।
ମୋ କଥା ମନେ ରଖିଥିବ ॥
ଯଦି ନପାଇ ନିମନ୍ତ୍ରଣ ।
ସେ ସ୍ଥାନେ କରୁଛ ଗମନ ॥
ତାହେଲେ ବିଚାରୁଛି ମୁହିଁ ।
କଦାପି ଭଲ ହେବ ନାହିଁ ॥

**ଦୋହା**
**କହି ଦେଖା ହର ଜତନ ବହୁ ରହଇ ନ ଦଛ୍ଛ କୁମାରି ।**
**ଦିଏ ମୁଖ୍ୟ ଗନ ସଂତବ ବିଦା କୀନ୍ହ ତ୍ରିପୁରାରି ॥୬୨॥**
ନାନା ପ୍ରକାରେ ଯତ୍ନ କଲେ ।
ସତୀଙ୍କ ଭାବକୁ ବୁଝିଲେ ॥
ଦେଖିଲେ ଦେବୀ ନିଶ୍ଚେ ଯିବେ ।
ସେଠାରେ ପ୍ରଭାବ ପାଇବେ ॥
ଯେତେ କହିଲି ଯାଅ ନାହିଁ ।
ମୋ କଥା ତିଳେ ମାନୁ ନାହିଁ ॥
ଦକ୍ଷର କନ୍ୟା ଏ ଯୁକତେ ।
ସେ ପାଇଁ ଯାଉନାହିଁ ପ୍ରତେ ॥
ସତୀଙ୍କ ବାହାରିବା ଦେଖି ।
ତ୍ରିପୁର ଅରିମନେ ଦୁଃଖୀ ॥
ସତୀଙ୍କୁ ଗଣ ସଙ୍ଗେ ଦେଇ ।
ତାହାଙ୍କୁ ବିଦାଦେଲେ ସାଇଁ ॥

❖❖❖... କ୍ରମଶଃ

## ରାଶିଫଳ

**ମେଷ :-** ଅଯଥା ସମୟ ନଷ୍ଟ କରନ୍ତୁ ନାହିଁ ।ମାଲିମକଦ୍ଦମାର ଭୟ ଅଛି । ବନ୍ଧୁଙ୍କ ସହଯୋଗ ମିଳିବ । ବିନା ଦୋଷରେ ଅପବାଦ ପାଇପାରନ୍ତି ।

**ବୃଷ :-** ସାମାନ୍ୟ ଚେଷ୍ଟାରେ ମଧ୍ୟ ଉପକୃତ ହୋଇପାରନ୍ତି । ସ୍ୱାର୍ଥ ଜଡିତ କର୍ମରେ ଆଗଭର ହୋଇ ଅପମାନିତ ହୋଇ ପାରନ୍ତି । କର୍ମ ସଂସ୍ଥାରେ ଲାଭବାନ ହେବେ । ଦିନର ଦ୍ୱିତୀୟାର୍ଦ୍ଧରେ ବିପଦ ଅଛି ।

**ମିଥୁନ:-** ମାନସିକ ପୂର୍ତ୍ତି ହେବା ଅସମ୍ଭବ । କର୍ମକ୍ଷେତ୍ରରେ ଅପବାଦ ତଥା ଅଘଟଣ ଘଟିବାର ସମ୍ଭାବନା । ଦୂରାନ୍ତର ଯୋଗ ଅଛି । ଅସୁସ୍ଥତା ଜନିତ କଷ୍ଟ ଭୋଗି ପାରନ୍ତି ।

**କର୍କଟ:-** ପ୍ରଶଂସିତ ହେବାର ସୁଯୋଗ ଆସିବ । ସମାନ୍ୟ ଘଟଣାକୁ ତତ୍କ୍ଷଣାତ ସମାଧାନ କରିବାକୁ ଚେଷ୍ଟା କରିବେ । ନୂତନ ଯାନବାହନ କିଣିବାର ସୁଯୋଗ ଆସିବ ।

**ସିଂହ:-** ପିତୃ କର୍ମ ପ୍ରତି ବିମୁଖ ହୋଇପାରନ୍ତି । ନିଜ କର୍ମରେ ନିଜେ ଅପମାନିତ ହୋଇପାରନ୍ତି । ରକ୍ତଚାପ ରୋଗରେ ପୀଡିତ ହୋଇପାରନ୍ତି । ଦୁର୍ଘଟଣାର ଭୟ ଅଛି ।

**କନ୍ୟା:-** ବିଦେଶ ଯିବାର ସମ୍ଭାବନା ଅଛି । କୌଣସି ଅନୁଷ୍ଠାନର ସୁବିଧା ପାଇ ଉପକୃତ ହେବେ । ନୂତନ ଦାୟିତ୍ୱ ନେବାର ଯୋଗ ଅଛି । ବନ୍ଧୁ ସାହାଯ୍ୟରେ ଜମିବାଡ଼ିର ଲାଭ ଅଛି ।

**ତୁଳା:-** ବନ୍ଧୁମାନେ ବିପଦରେ ପକାଇ ପାରନ୍ତି । କର୍ମକ୍ଷେତ୍ରରେ ଅଯଥା କଳହ ସୃଷ୍ଟି ହେବ । ଚୋରୀ ଭୟ ଅଛି । କୌଣସି କ୍ଷେତ୍ରରେ ଦାୟିତ୍ୱ ନେଇ ପାରନ୍ତି । ଶରୀର ଖରାପ ହେବର ସମ୍ଭାବନା ଅଛି । ଗୋଡ ହାତ ଜଳାପୋଡା ହେବ ।

**ବିଛା:-** ନୂତନ ଚିନ୍ତାରେ ଭାବ ପ୍ରବଣ ହେବା ବିପଦ ନିଜକୁ ସଞ୍ଜମ କରିବା ଉଚିତ୍ ନଚେତ ବିପଦକୁ ଡାକି ପାରନ୍ତି । ଦିନଟି ଆପଣଙ୍କୁ ଅଳସୁଆ ଲାଗିବ ।ପ୍ରେମ ଜନିତ ସମସ୍ୟାରେ ଅତିଷ୍ଠ ହେବେ ।

**ଧନୁ:-** କର୍ମକ୍ଷେତ୍ରରେ ଅସହଯୋଗ ଅଛି । ସବୁଥାଇ ନଥିଲା ଭଳି ଲାଗିବ । ପୁତ୍ର ସନ୍ତାନମାନେ ଗୁରୁଜନମାନଙ୍କୁ ନ ପଚାରି ପାରନ୍ତି । ଗୁପ୍ତ ଶତ୍ରୁମାନେ କର୍ମକ୍ଷେତ୍ରରେ ବିପଦ ସୃଷ୍ଟି କରନ୍ତି ।

**ମକର:-** ବହୁ ଦିନ ପରେ ପୁରୁଣା ସାଙ୍ଗ ବା ବନ୍ଧୁଙ୍କୁ ପାଇ ଖୁସିହେବେ । ବନ୍ଧୁ ଜଣଙ୍କ କର୍ମକ୍ଷେତ୍ରରେ ସାହାଯ୍ୟ କରିବେ । ଦାୟିତ୍ୱ ନେଇ ଲାଭବାନ ହେବାର ଯୋଗ ଅଛି ।

**କୁମ୍ଭ:-** ଆଜି ଦିନଟି ଆପଣଙ୍କ ପାଇଁ ସୁଖଶାନ୍ତି କାରକ ରହିବ । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ସଂପର୍କ ବଢିବ । କୌଣସି ଶୁଭ ଖବର ପାଇ ମନୋବଳ କୁଣ୍ଠେମୋଟ ହୋଇଯିବ ।

**ମୀନ:-** ଆପଣଙ୍କ ଦିନଟି ଜଟିଳ ପରିସ୍ଥିତିରେ ପାକାଇବାର ଜଣାଯାଏ । କର୍ମକ୍ଷେତ୍ରରେ ବିଭ୍ରାଟ ସୃଷ୍ଟି ହେବାର ଅନୁମେୟ । ସ୍ୱାସ୍ଥ୍ୟହାନୀ ଘଟିପାରେ । ଆୟ ଅପେକ୍ଷା ବ୍ୟୟ ଭାଗ ଅଧିକ । ମାନସିକ ଅଶାନ୍ତି ଭୋଗିବେ ।

## ତଦନ୍ତ କମିଶନ ପୁରୀରେ ରହିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ

ପୁରୀ,୨୧।୬ (ଶ୍ରୁ.ମି) : ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ଘଟଣା ଓ ପରବର୍ତ୍ତୀ ଘଟଣାବଳୀ ଉପରେ ରାଜ୍ୟ ସରକାର ଏକ ବିଚାର ବିଭାଗ କମିଶନ ବସାଇ ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ ଏହାର ମୁଖ୍ୟ କାର୍ଯ୍ୟାଳୟ କଟକରେ ରଖିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଥିବା ଉପରେ ପୁରୀର ଅଗ୍ରଣୀ ଅନୁଷ୍ଠାନ ଜଗନ୍ନାଥ ସେନା ସମେତ ବହୁ ସାମାଜିକ ଅନୁଷ୍ଠାନ ଏହାକୁ ବିରୋଧ କରି ବିକ୍ଷୋଭ କରିଥିବା ଜଣାପଡିଛି । ପୁରୀର ଘଟଣା ଓ ଶ୍ରୀମନ୍ଦିର ସଂକ୍ରାନ୍ତୀୟ ବିବାଦ ତେଣୁ ପୁରୀରେ କମିଶନ ବସାଇ କାର୍ଯ୍ୟାଳୟ କରି କାମ ଆରମ୍ଭ ହେବାକୁ ଦାବି କରିବା ସହ ଏମାର ମଠର ରୂପା ଇଟା ଜବତ ହୋଇଥିବା ଘଟଣା ମଧ କମିଶନ ବିଚାର କରି ମନ୍ଦିରକୁ ଫେରାଇବାକୁ ଦାବି ହେଉଥିବା ଜଣାପଡିଛି । ଉକ୍ତ ବିକ୍ଷୋଭର ମୁଖ୍ୟ ଭୂମିକା ନେଇଥିଲେ ଯୁବ ସଙ୍ଗଠକ, ଆଇନଜୀବୀ ତଥା ଜଗନ୍ନାଥ ସେନାର ମୁଖ୍ୟ ପ୍ରିୟଦର୍ଶନୀ ପଟ୍ଟନାୟକ ଓ ସହସାଧିକ ସମର୍ଥକ ଉପସ୍ଥିତଥିଲେ ।

## ୫୦ରୁ ଉର୍ଦ୍ଧ୍ୱ ସତ୍ୟପାଠରେ ସେବକଙ୍କ ସପକ୍ଷ ଓ ବିରୋଧରେ ଅଛି

ପୁରୀ,୨୧।୬ (ଶ୍ରୁ.ମି) : ରତ୍ନଭଣ୍ଡାର ଚାବି ହଜିବା ସହ ଶ୍ରୀମନ୍ଦିରରେ ଆଇନ ଶୃଙ୍ଖଳା ଭକ୍ତଙ୍କ ସୁରକ୍ଷାଟି ଶୃଙ୍ଖଳିତ ଦର୍ଶନ ଓ ଅନ୍ୟାନ୍ୟ ବିଷୟରେ ସୁପ୍ରିମ କୋର୍ଟଙ୍କ ଜିଲ୍ଲା ଜଜ୍ ସୁପ୍ରିମକୋର୍ଟରେ ତାଙ୍କ ରିପୋର୍ଟ ଦାଖଲ କରିବା ପରିପ୍ରେକ୍ଷୀରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସତ୍ୟପାଠ ବିଭିନ୍ନ ମହଲରୁ ସଙ୍ଗଠନ, ଆଇନଜୀବୀ ସଂଘ, ସେବାୟ ନିଯୋଗ ମାନେ ଦାଖଲ କରିଥିବାବେଳେ ପ୍ରାୟ ସତ୍ୟପାଠରେ ସେବକମାନଙ୍କ ବିରୁଦ୍ଧରେ ଓ କେତେକ ସପକ୍ଷରେ ସତ୍ୟପାଠ ଦାଖଲ ହୋଇଥିବା ଜଣାପଡିଛି ।

## ନରେନ୍ଦ୍ରକୋଣ ଅଞ୍ଚଳରେ ସ୍ୱେରେଜ କାର୍ଯ୍ୟକ୍ଷମ ନେଇ ପ୍ରଶ୍ନବାଚୀ ?

ପୁରୀ,୨୧।୬ (ଶ୍ରୁ.ମି) : ପୁରୀ ସହରରେ ଭୂତଳ ସ୍ୱେରେଜ ଦୀର୍ଘ ୨୪ ବର୍ଷ ହେଲା କାମ ହେଉଥିଲେ ମଧ ସହରରେ ସଂପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇନଥିବା ବେଳେ ମାତ୍ର କେତେକ ସ୍ଥାନରେ ସ୍ୱେରେଜ କାର୍ଯ୍ୟକାରୀ ହୋଇଛି । ଏବେ ସହରର ପ୍ରମୁଖ ସ୍ଥାନ ନରେନ୍ଦ୍ର କୋଣ ଅଞ୍ଚଳ, ସାହି, ବସ୍ତି, ନରେନ୍ଦ୍ରପୋଖରୀ ଚାରିପାଖ ଓ ସଂଯୋଗ କରୁଥିବା ବହୁ ସାହି ଅଞ୍ଚଳରେ ଭୂତଳ ସ୍ୱେରେଜ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇନଥିବା ଜଣାପଡିଛି ଏପର୍ଯ୍ୟନ୍ତ ଭୂତଳ ସ୍ୱେରେଜ ପାଇଁ ପପିଙ୍ଗ ହାଉସ ଓ ଅନ୍ୟାନ୍ୟ ଆନୁସଙ୍ଗିକ କାମ ସରିନଥିବା ଯୋଗୁଁ ଏଅଞ୍ଚଳରେ ଭୂତଳ ସ୍ୱେରେଜ କାର୍ଯ୍ୟକ୍ଷମ ହୋଇନଥିବା ଜଣାପଡିଛି ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

*ତାଳଚେର,୨୧/୬(ଶ୍ରୁ.ମି): ତାଳଚେର ବ୍ଲକ କଳମଛୁଇଁ ପଂଚାୟତ ଅନ୍ତର୍ଗତ ସୋଲଡା ଗ୍ରାମର ଧର୍ମପରାୟଣ ମହିଳା ଉପାସୀ ସାହୁ (୬୭ବର୍ଷ)ଙ୍କର ବୁଧବାର ସନ୍ଧ୍ୟାରେ ହୃଦଘାତ୍‌ରେ ପରଲୋକ ଘଟିଛି । ଶାରୀରିକ ଅସୁସ୍ଥତା ଯୋଗୁଁ ସେ ଭୂବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ମଦନ,ସୁରେଶ ଓ ଗୋଲେଖଙ୍କ ସହ ପୁତ୍ରବଧୂ,ଝିଅ-ଜ୍ୱାଇଁ ତଥା ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।*

## ୨ ନାଲକୋ ଠିକା ଶ୍ରମିକ ଗୁରୁତର

ଅନୁଗୋଳ, ୨୧/୬ (ଶ୍ରୁ.ମି) : ନାଲକୋ ସିପିପି ପ୍ଲାଣ୍ଟର ୬ ନଂ. ୟୁନିଟ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି । ଇଲର ଟିବିରେ ଭାଇବ ଲଗାଇା ପାଇଁ ୨ ଜଣ ଠିକାଶ୍ରମିକ ଭାଡ଼ା ଉପରେ ଚଢ଼ି କାମ କରୁଥିବା ବେଳେ ହଠାତ୍ ଭାଡ଼ାଟି ଭାଙ୍ଗି ଯିବାରୁ ସୌମ୍ୟ ହେମରମ୍ ଓ ପ୍ରଭାକର ନାୟକ ଗୁରୁତର ହୋଇଛନ୍ତି । ଉଭୟଙ୍କୁ ପ୍ରଥମେ ନାଲକୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି । ଜରୁରୀକାଳୀନ ସମୟରେ ଠିକାଶ୍ରମିକଙ୍କୁ ନାଲକୋ ପକ୍ଷରୁ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇ ନଥିବାରୁ ନାଲକୋ ଶ୍ରମିକ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ଉଭୟଙ୍କ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଆମ୍ବୁଲାନ୍ସ ଖର୍ଚ୍ଚ ଯୋଗାଇ ଦେବା ପାଇଁ ସଂଘର ସଭାପତି ବାବୁଲି ସେଠୀ ଦାବି କରିଛନ୍ତି ।

## ଜିଲ୍ଲା ସାମ୍ବାଦିକ ସଂଘ ନିର୍ବାଚନ...
## ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା: ଆଜି ମତଦାନ

ଢେଙ୍କାନାଳ,୨୧।୬ (ଶ୍ରୁ.ମି) : ଆସନ୍ତା ୨୨ ତାରିଖରେ ଢେଙ୍କାନାଳ ଜିଲ୍ଲା ସାମ୍ବାଦିକ ସଂଘ ନିର୍ବାଚନର ଭୋଟ ଗ୍ରହଣ କରାଯିବ । ତେବେ ଏହି ନିର୍ବାଚନ ପାଇଁ ବୁଧବାର ଚୂଡାନ୍ତ ପାର୍ଥୀ ତାଲିକା ପ୍ରକାଶ ପାଇଛି । ନିର୍ବାଚନରେ ସଭାପତି ପଦବୀ ପାଇଁ ୨ଜଣ ଓ ସାଧାରଣ ସଂପାଦକ ପଦବୀ ପାଇଁ ୫ଜଣ ଏପରି ମୋଟ ପ୍ରାର୍ଥୀପତ୍ର ଦାଖଲ କରିଥିବା ୭ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ଜଣାପଡିଛି । ଫଳରେ ଜିଲ୍ଲା ସାମ୍ବାଦିକ ନିର୍ବାଚନରେ ମୋଟ ୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ଜଣାପଡିଛି । ସୂଚନା ମୁତାବକ, ଆସନ୍ତା ୨୨ ତାରିଖରେ ଜିଲ୍ଲା ସାମ୍ବଦିକ ସଂଘର ସଭାପତି ଓ ସାଧାରଣ ସଂପାଦକ ପଦବୀ ପାଇଁ ଭୋଟ ଗ୍ରହଣ କରାଯିବ । ଏଥିପାଇଁ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଭୋଟ ଗ୍ରହଣ କାର୍ଯ୍ୟ ଅନୁଷ୍ଠିତ ହେବ । ସକାଳ ୧୦ ଘଣ୍ଟାରୁ ଅପରାହ୍ନରେ ୧ ଘଟିକା ପର୍ଯ୍ୟନ୍ତ ଏହି ମତଦାନ କାର୍ଯ୍ୟକ୍ରମ ଚାଲୁରହିବ । ଅପରାହ୍ନ ୧ଘଣ୍ଟା ପରେ ଭୋଟ ଗଣିତି ଏବଂ 'ଲା'ଳ ଘୋଷଣା କରାଯିବ । ଜିଲ୍ଲା ସାମ୍ନାିକ ସଂଘ ନିର୍ବାଚନରେ ସଭାପତି ପ୍ରାର୍ଥୀ ଭାବେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ପଟ୍ଟନାୟକ (ପଟେଲ୍) ଏବଂ ଶଶୀମୌଳି ରଥ ନିର୍ବାଚନ ଲଢୁଥିବା ବେଳେ ସାଧାରଣ ସଂପାଦକ ପଦବୀ ପାଇଁ ବରିଷ୍ଠ ସାମ୍ବିଦକ ପ୍ରତାପ କୁମାର ବରାଳ, ଜିତେନ୍ଦ୍ର ପଟ୍ଟନାୟକ, ସତ୍ୟସ୍ୱରୂପ ଦାସ, ଦିଲ୍ଲୀପ କୁମାର ମିଶ୍ର ଓ ସନ୍ତୋଷ କୁମାର ଶତପଥୀ ନାମାଙ୍କନ ଦାଖଲ କରିଥିବା ଜଣାପଡିଛି । କେହି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନଥିବା ଜଣାପଡିଛି । ଫଳରେ ନିର୍ବାଚନରେ ସଭାପତି ପଦବୀ ପାଇଁ ୨ ଜଣ ଓ ସାଧାରଣ ସଂପାଦକ ପଦବୀ ପାଇଁ ୫ଜଣ ପ୍ରତିଦ୍ୱନ୍ଦିତା କରୁଥିବା ଚୂଡାନ୍ତ ପ୍ରାର୍ଥୀ ତାଲିକାରୁ ସ୍ପଷ୍ଟ ହୋଇଛି । ଏହି ନିର୍ବାଚନ ପରିଚାଳନା ପାଇଁ ବରିଷ୍ଠ ସାମ୍ବିଦକ କୃଷ୍ଣ କୁମାର ମିଶ୍ର ମୁଖ୍ୟ ନିର୍ବାଚନ ଅଧିକାରୀ ରହିଥିବା ବେଳେ ବରଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଦାଶ, ବିକ୍ରମ କେଶରୀ ପାଣି ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚଳାନା କରିବେ । ଦୀର୍ଘବର୍ଷ ପରେ ଜିଲ୍ଲା ସାମ୍ବାଦିକ ସଂଘର ଏହି ନିର୍ବାଚନ ହେଉଥିବାରୁ ଜିଲ୍ଲାବ୍ୟାପୀ ସାମ୍ବାଦିକ ମାନଙ୍କ ମଧ୍ୟରେ ଉତ୍ସାହ ଏବଂ ତତ୍ପରତା ପ୍ରକାଶ ପାଇଛି ।

## ଭୁଲ୍ ଚିକିତ୍ସା ପାଇଁ ହରିଅଙ୍କ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତେଜନା

ଡେରାବିଶ, ୨୧।୬ (ଶ୍ରୁ.ମି) : ଡେରାବିଶ ବ୍ଲକ ଅଧିନସ୍ଥ ହରିଅଙ୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ରୋଗୀର ଭୁଲ୍ ଚିକିତ୍ସା ନେଇ ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତେଜନା ଦେଖାଦେଇଥିଲା । ତେବେ ଘଟଣାସ୍ଥଳରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର କୁମାର ସାମଲ ପହଂଚି ଘଟଣାର ଆପୋଷ ସମାଧାନ ପରେ ଉତେଜନା ପ୍ରଶମିତ ହୋଇଥିଲା । ସୂଚନା ହରିଅଙ୍କ ଗ୍ରାମର ଅଜୟ ଜେନାଙ୍କ ସ୍ତ୍ରୀ ସଂଯୁକ୍ତା ଜେନା ଦୁର୍ଘଟଣା ଜନିତ ରୋଗରେ ପିଡ଼ିତ ହୋଇ ଡାକ୍ତର ଖାନାକୁ ଆସିଥିଲେ । ଡାକ୍ତର ଅନୁପସ୍ଥିତ ଥିବା ବେଳେ କାର୍ଯ୍ୟରତ ଫାର୍ମଶିଷ୍ଟ ସଂଯୁକ୍ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ତାଙ୍କ ସ୍ୱାସ୍ଥ୍ୟ ଭଲ ଥିବା କହି ଘରକୁ ବିଦା କରିଦେଇଥିଲେ । ସଂଯୁକ୍ତା ଘରେ ପହଂଚିବା ପରେ ସେ ଅଧିକ ଗୁରୁତର ହୋଇଥିଲେ । ସାଙ୍ଗେ ସାଙ୍ଗେ ତାଙ୍କ ସ୍ୱାମୀ ଅଜୟ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସଂଯୁକ୍ତାଙ୍କୁ ନେଇଯାଇଥିଲେ । ତେବେ ସଂଯୁକ୍ତାଙ୍କର ଶରୀରର ଗୋଟିଏ ପଟ ଅଙ୍ଗ ପାରାଲିସିସ୍ ଆଡ଼କୁ ଗତି କରୁଥିବା ସ୍ୱସ୍ଥ୍ୟ ପରୀକ୍ଷାରୁ ଜଣାପଡ଼ିଛି । ମାତ୍ର ଏହି ଘଟଣା ଗ୍ରାମରେ ପହଂଚିବା। କ୍ଷଣି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା । ଦୀର୍ଘଦିନ ଧରି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଥିବା ବେଳେ କାର୍ଯ୍ୟରତ ଥିବା ଡାକ୍ତରଙ୍କ ଅନୁପସ୍ଥିତି ଓ ଫାର୍ମାଶିଷ୍ଟଙ୍କ ଦବଙ୍ଗଗିରି ପାଇଁ ଅଂଚଳର ବହୁ ରୋଗୀ ସ୍ୱାସ୍ଥ୍ୟସେବାରୁ ବଂଚିତ ହୋଇ ସେମାନଙ୍କ ଚିକିତ୍ସା ପାଇଁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ଅପରପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ଭୁଲ୍ ଚିକିତ୍ସା ଯୋଗୁ ରୋଗୀମାନେ ବହୁ ହନ୍ତଶନ୍ତ ହେବାରେ ଲାଗିଛନ୍ତି । ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନ ଡାକ୍ତର ଏବଂ ଫାର୍ମାଶିଷ୍ଟ ଯୋଗାଇଦେଇ ଏଠାରେ କାର୍ଯ୍ୟରତ ଡାକ୍ତର ଓ ଫାର୍ମାଶିଷ୍ଟଙ୍କୁ ବଦଳି କରିବା ପାଇଁ ଅଂଚଳବାସୀ ଦାବି ଜଣାଇଛନ୍ତି ।

## ଅନୁଗୋଳ ହାଇସ୍କୁଲ ଛାତ୍ରାବାସ ଉଦ୍‌ଘାଟିତ

*ଅନୁଗୋଳ, ୨୧/୬ (ଶ୍ରୁ.ମି) ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ଏକ ବାଳକ ଛାତ୍ରାବାସ ଉଦ୍‌ଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତି ସିଂହ ଓ ସମ୍ମାନିତ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଅନ୍ୟତମ ଅତିଥିଭାବେ ପୂର୍ତ୍ତବିଭାଗର ଏସ୍‌ଡ଼ିଓ ହୃଦାନନ୍ଦ ଶତପଥୀ, ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ନନ୍ଦ, କାଉନସିଲର ପୁଇଁ ସାହୁ, ସୁଜିତ ପ୍ରାସଦ ଦ୍ୱିବେଦୀ, ବିଶ୍ୱରଞ୍ଜନ ସାହୁ, ସରୋଜ ନାଏକ, ଭେଙ୍କେଟ୍ ବାଗ୍ରୋଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ ।*

## ଗ୍ୟାସ ଟାଙ୍କି ଫାଟି ୪ ବଖରା ଘର ପୋଡି ନଷ୍ଟ



ପଟ୍ଟାମୁଣ୍ଡାଇ,।୨୧।୬ (ଶ୍ରୁ.ମି) : ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଗତକାଲି ଗ୍ୟାସ ଟାଙ୍କି ଫାଟି ଘର ପୋଡି ଯାଇଥିବା ଜଣାପଡିଛି । ଗୋବିନ୍ଦପୁର ଗ୍ରାମର ଗୌରାଙ୍ଗ ଦାସଙ୍କ ଘରେ ରୋଷେଇ ଚାଲିଥିବାବେଳେ ଗ୍ୟାସ ଟାଙ୍କି ଫାଟି ୪ବଖରା ଚାଳଛପର ଘର, ନଗଦ ଟଙ୍କା, ଚାଉଳ, ଧାନ, ସୁନା, ରୂପା, ଅଳଙ୍କାର, ଗଡରେଜ ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ପ୍ରାୟ ୫ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଅଟ୍ଟକଳରୁ ଜଣାପଡିଛି । ଖବର ପାଇ କେନ୍ଦ୍ରାପଡା ବିଧାୟକ କିଶୋର ତରାଇ, ପପୁ ଖଣ୍ଡାୟୀ, ପ୍ରଦୀପ ପଣ୍ଡା, ପଦ୍ମନାଭ ଦାସ, ଅମ୍ବୁଜ ଭୂଷଣ ନାୟକ ପ୍ରମୁଖ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ବିପନ୍ନ ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇବା ପାଇଁ ବିଧାୟକ ପ୍ରତିଶୃତି ଦେଇଥିଲେ । ଅଗ୍ନିବିପନ୍ନ ପରିବାରକୁ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି ।

## ଆନ୍ତଃଜିଲ୍ଲା କ୍ରିକେଟ୍ ଖେଳାଳି ମନୋନୟନ

ଢେଙ୍କାନାଳ,୨୧।୬ (ଶ୍ରୁ.ମି) : ୧୯ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଖେଳ ଆସନ୍ତା ଜୁନ୍ ୨୫ତାରିଖ ଠାରୁ କଟକ ଠାରେ ଅନୁଷ୍ଠିତ ହେବ । ଢେଙ୍କାନାଳ ଜିଲ୍ଲା ଦଳର ଖେଳ ଜୁନ୍ ୨୯ତାରିଖରେ ଅନୁଷ୍ଠିତ ହେବ । ଜିଲ୍ଲା ଦଳରେ ଭାଗନେବାକୁ ଇଚ୍ଛୁକ ଥିବା ୧୯ବର୍ଷରୁ କମ୍ କ୍ରିକେଟ୍ ଖେଳାଳୀମାନେ ଆବଶ୍ୟକ କାଗଜପତ୍ର ଆସନ୍ତା ୨୫ତାରିଖ ସୁଦ୍ଧା ସଂଘ କାର୍ଯ୍ୟାଳୟରେ ଦିନ ୧୧ଟାରୁ ୨ଟା ମଧ୍ୟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଛି । ଗତ ତା୧।୯।୧୯୯୯ରିଖ ପରେ ଜନ୍ମ ଗ୍ରହଣ କରିଥିବା ଆବେଦନକାରୀଙ୍କ ଜନ୍ମଗତ ପ୍ରମାଣପତ୍ର, ଶିକ୍ଷାଗତ ଯୋଗ୍ୟତା, ଭୋଟର ଓ ଆଧାର କାର୍ଡ, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ସତ୍ୟପାଠ ଆଦି ଦାଖଲ କରିବାକୁ ଜିଲ୍ଲା କ୍ରୀଡାସଂଘ ସଂପାଦକ ନଳିନୀ କୁମାର ଦାସ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

## ବିଜୁ ସେତୁ ଯୋଜନା ନିର୍ମାଣ ହେବ କସିମିଳା ଅରାଡ଼ ପୋଲ

ବାଲେଶ୍ୱର, ୨୧।୬ (ଶ୍ରୁ.ମି): ବାଲେଶ୍ୱର ସଦର ବ୍ଲକ ନଗ୍ରମ ପଞ୍ଚାୟତର ଜନସାଧାରଣଙ୍କର ବହୁ ଦିନର ଦାବୀ ପୂରଣ ହେବାକୁ ଯାଉଛି । ରାଜ୍ୟ ସରକାରଙ୍କର ବିଜୁ ସେତୁ ଯୋଜନା ଦ୍ୱାରା କସିମିଳା ଅରାଡ଼ ପୋଲ ନିର୍ମାଣ ହେବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି । ଏହି ପଞ୍ଚାୟତ ଓ ପାଖାପାଖି ଅଞ୍ଚଳରେ ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ଜନସାଧାରଣଙ୍କ ପର୍ଯ୍ୟନ୍ତ ସାଇକେଲ,ମଟର ସାଇକେଲ ଧରି ବିପଦପସ୍ତଛ ରେଳଧାରଣା ଉପରେ ସହରକୁ ଯାତାୟତ କରୁଥିଲେ । ଏଥି ପାଇଁ ସ୍ଥାନୀୟ ଜନସାଧାରଣ ଅନେକ ସମୟରେ ବାଲେଶ୍ୱର ସାଂସଦ ଓ ବାଲେଶ୍ୱର ବିଧାୟକଙ୍କ ପାଖରେ ଦାବୀ କରି ଆସୁଥିଲେ । ଚଳିତ ବର୍ଷ ବିଧାୟକ ଜୀବନ ପ୍ରଦୀପ ଦାଶ ବିଜୁ ସେତୁ ଯୋଜନାରେ ଏହି ପୋଲକୁ ନିର୍ମାଣ କରିବା ପାଇଁ ଗ୍ରାମ୍ୟଉନ୍ନୟନ ବିଭାଗକୁ ପ୍ରସ୍ତାବ ଦେଇଥିଲେ । ପ୍ରାୟ ୧୨ କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ ଏହି ପୋଲ ନିର୍ମାଣ ହେବ ବୋଲି ରାଜ୍ୟ ସରକାର ମଞ୍ଜୁର କରିଛନ୍ତି । ଏଥି ପାଇଁ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,ସାଂସଦ ଇଂ ରବିନ୍ଦ୍ର କୁମାର ଜେନା, ବିଧାୟକ ଜୀବନ ପ୍ରଦୀପ ଦାଶଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅଙ୍ଗନୱାଡ଼ି କର୍ମୀସଂଘ ତରଫରୁ ବିଦାୟ ସମ୍ବର୍ଦ୍ଧନା

ବାଲେଶ୍ୱର, ୨୧/୬ (ଶ୍ରୁ.ମି) : ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଆସ୍ତେରିଆ କେରକେଟାଙ୍କୁ ବାଲେଶ୍ୱର ଜିଲ୍ଲାରୁ ଅନ୍ୟତ୍ର ବଦଳି କରାଯାଇଥିବାରୁ ବାଲେଶ୍ୱର ଜିଲ୍ଲା ଅଙ୍ଗନୱାଡ଼ି କର୍ମୀ ସଂଘ ତରଫରୁ ବୁଧବାର ଦିନ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଂଘର ଜିଲ୍ଲା ସଂପାଦିକା ତଥା ଏ.ଆଇ.ଟି.ୟୁ.ସି.ର ରାଜ୍ୟ ପରିଷଦ ସଦସ୍ୟା ଗୌରୀ ଦାସଙ୍କ ସମେତ ବିଭିନ୍ନ ବ୍ଲକ୍ କମିଟି ତରଫରୁ ଆରତୀ ଦାସ ମହାପାତ୍ର, ରେଣୁବାଳା ପାତ୍ର, ଅନୁପମା ଗିରି, ସୁକାନ୍ତି ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ମିଶ୍ର, ନିର୍ମଳା ପାଣିଗ୍ରାହୀ, କଳ୍ପନା ଦାସ, ଲକ୍ଷ୍ମୀପ୍ରିୟା ମିଶ୍ର, ଜୟଶ୍ରୀ ରାଉତ, ନମିତା ସାହୁ, ରାଧାରାଣୀ ପଣ୍ଡା, ଅନୁସୂୟା ଦଳେଇ, ଗୀତାରାଣୀ ପଣ୍ଡା, ଦୀପାରାଣୀ ବାରିକ, ମାନିନୀ ଆଚାର୍ଯ୍ୟ, ତପସ୍ୱିନୀ ବିଶ୍ୱାଳ, ମୋନାଲିସା ଭୋଇ,



ସନ୍ଧ୍ୟାରାଣୀ ବେହେରା, ରେବତୀ ରଥ, ଲକ୍ଷ୍ମୀମଣି ଦାସ ଓ ରିଙ୍କି ପ୍ରଧାନ ପ୍ରମୁଖ ଓ ସହକାରୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗଦାଧର ପତି ଉପସ୍ଥିତ ଥିଲେ । ଶ୍ରୀମତୀ କେରେକେଟାଙ୍କ କାର୍ଯ୍ୟକାଳରେ ସେ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସେମାନଙ୍କ ଦାୟିତ୍ୱ ନିର୍ବାହରେ ବହୁ ସୁପରାମର୍ଶ ଦେବା ସହ ସେମାନଙ୍କୁ ସାନଭଉଣୀ ଭଳି ଶ୍ରଦ୍ଧା ଓ ଆକଟ କରୁଥିବାର ଜିଲ୍ଲା ସଂପାଦିକା ଗୌରୀ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ । ବିଦାୟ ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀମତୀ କେରେକେଟା ବାଲେଶ୍ୱର ଜିଲ୍ଲାରେ ତାଙ୍କର ଦାୟିତ୍ୱ ତୁଲାଇବାରେ ସମସ୍ତଙ୍କର ସହଯୋଗ ପାଇଥିବାରୁ ସମସ୍ତଙ୍କୁ ସବୁବେଳେ ମନେରଖିବେ ବୋଲି ପ୍ରକାଶ କରିଥିଲେ ।

## ନୀଳଗିରି ଇତିହାସରେ ଯୋଡ଼ିଲା ନୂଆ ଅଧ୍ୟାୟ : ଦୁଇ ମହିଳା ପ୍ରଶାସନିକ ଅଫିସର୍ ଆଣିଲେ କାର୍ଯ୍ୟଧାରାରେ ସଂସ୍କାର
# ଚଳିତ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟଠାରୁ ଦ୍ୱି-ଗୁଣିତ

**ବାଲେଶ୍ୱର, ୨୧/୬:** ନୀଳଗିରି ବାଲେଶ୍ୱର ଜିଲ୍ଲାର ଏକ ପ୍ରମୁଖ ଉପଖଣ୍ଡ ଅଂଚଳ । ଏହି ଉପଖଣ୍ଡ ଅନ୍ତର୍ଗତ ନୀଳଗିରି ଓ ଔପଦା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପଥର, ମୋରମ, ବାଲି, ମାଟି ପ୍ରଭୃତି ଲଘୁ ଖଣିଜ ଦ୍ରବ୍ୟ, ଖାଦାନ ଲିଜ୍, ନିଲାମ ଉପରେ ଏବେ ଲାଗିଛି କଟକଣା । ଦକ୍ଷ ଓ କର୍ମଠ ରାଜସ୍ୱ ଅଧିକାରୀମାନେ ପରିବେଶ ସନ୍ତୁଳନ ପ୍ରତି ସଜାଗ ମନୋଭାବ ପ୍ରଦର୍ଶନ ଯୋଗୁଁ ନୀଳଗିରିର ଉଜୁଡ଼ି ଯାଇଥିବା ପ୍ରାକୃତିକ ପରିବେଶ ସଂପ୍ରତି ଫେରେଇବାରେ ହୋଇଛନ୍ତି ସଫଳ । ଏକଦା ସବୁଜିମା ଭରା ଘଂଚବନାନୀ, କୁଳୁ କୁଳୁ ନାଦରେ ଝରି ଯାଉଥିବା ଝରଣା, ଅଳସ ଭାଙ୍ଗୁଥିବା ବନ୍ୟ ପଶୁ, କୁହୁତାନରେ ମୁଖରିତ ହେଉଥିବା ନୀଳଗିରି ପ୍ରାୟତଃ ଶ୍ରୀହୀନ ପାଲଟି ଯାଇଥିଲା । ବନାଂଚଳର ନୈସର୍ଗିକ ଶୋଭା ଓ ଅମୂଲ୍ୟ ପ୍ରାକୃତିକ ସମ୍ପଦ ଯେପରି ହୋଇଯାଇଥିଲା ବିଷମୟ । ସତେ ଯେପରି, ନୀଳଗିରି ପାଲଟି ଯାଇଥିଲା 'ଲୁଟେରାଙ୍କ ଭୂସ୍ୱର୍ଗ' । ଦୁର୍ବଳ ପ୍ରଶାସନ ଯୋଗୁଁ ନୀଳଗିରିର ପ୍ରାକୃତିକ ବୈଭବ ରୀତିମତ୍ ଲୁଟ୍ ହେଉଥିଲା, ଯାହାର ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ସଂପ୍ରତି ନୀଳଗିରିର ଦୁଇ ବରିଷ୍ଠ ପ୍ରଶାସନିକ ଅଧିକାରିଣୀ ଏବେ ନୀଳଗିରିର ନିୟତିରେ ଆଣିଛନ୍ତି ସଂସ୍କାର । ସେମାନେ ହେଉଛନ୍ତି ଦୃଢ଼ମନା ଓ ସଚ୍ଚୋଟ ତହସିଲଦାର ମନୋରମା ଭୂୟାଁ ଏବଂ ତରୁଣ ଆଇ.ଏ.ଏସ୍. ଅଧିକାରୀ, ନୀଳଗିରି ଉପଖଣ୍ଡ ଇତିହାସର ପ୍ରଥମ ମହିଳା ଉପ-ଜିଲ୍ଲାପାଳ, ଆବୋଲୀ ଏସ୍. ନରୱାଣେ । ଏହି ଦୁଇ ମହିଳା ଅଧିକାରୀଙ୍କ ପ୍ରତି ରାଜ୍ୟ ଶାସନ ତଥା ନୀଳଗିରିର ଲୋକପ୍ରିୟ ବିଧାୟକ ଇଂ. ସୁକାନ୍ତ ନାୟକଙ୍କ ଆସ୍ଥା ଯୋଗୁଁ ଏସବୁ ସୁଧାର କାର୍ଯ୍ୟ ସୁଗମ ହୋଇପାରିଛି ବୋଲି ଆଲୋଚନା ହେଉଛି । ଅନ୍ୟ ପକ୍ଷରେ ତଥ୍ୟ କହୁଛି ନୀଳଗିରି ତହସିଲ ଅଧିନରେ ଗତ ୨୦୧୬-୧୭ ଆଥିକ ବର୍ଷରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ପ୍ରାୟ ୧୦ ଗୋଟିରୁ ଉର୍ଦ୍ଧ୍ୱ ମାମଲା ରୁଜୁ କରାଯାଇଥିଲା । ସେହି ସବୁ ମାମଲାରେ ପ୍ରାୟ ୧୦ ଗୋଟି (ଡମ୍ପର, ଟ୍ରାକ୍ଟର, ଟିପର, ଟ୍ରକ, ଜେସିବି, ଲୋଡ଼ର) ଗାଡି ଜବତ କରାଯାଇ ଜୋରିମାନା ବାବଦକୁ କିଛି ପରିମାଣରେ ରାଜସ୍ୱ ଆଦାୟ କରାଯାଇଥିଲା । କିନ୍ତୁ ୨୦୧୭-୧୮ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ୨କୋଟି ୫୦ଲକ୍ଷ ଟଙ୍କା ଥିବା ବେଳେ, ମୋଟ ରାଜସ୍ୱ ୫ କୋଟି ୩୩ ଲକ୍ଷ ଟଙ୍କା ଆଦାୟ କରାଯାଇଛି । ଯାହା ୨୯୦ ପ୍ରତିଶତରୁ ଅଧିକ ଅଟେ । କୌଣସି ସ୍ଥାନରେ ବେଆଇନ ଭାବରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ, ପରିବହନ କରାଯାଉଥିବାର ଅଭିଯୋଗ ମିଳିବା ମାତ୍ରକେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ତହସିଲଦାର ଶ୍ରୀମତୀ ଭୂୟାଁ କହିଛନ୍ତି । ତେବେ, କେବଳ ପ୍ରଶାସନିକ ସ୍ତରରେ ଉଦ୍ୟମ ଦ୍ୱାରା ବିପର୍ଯ୍ୟସ୍ତ ପରିବେଶର ପୁନଃ ସଂସ୍ଥାପନ କରାଯିବା ସମ୍ଭବପର ନୁହେଁ, ସେଥିପାଇଁ ସମସ୍ତ ଶ୍ରେଣୀର ଜନସାଧାରଣ, ପ୍ରକୃତିମାତାର ଲୁଣ୍ଠିତ ବୈଭବକୁ ପୁନଃଜୀବନ ଦେବା ପାଇଁ ସହଯୋଗର ହାତ ବଢ଼ାଇ ଦେବା ସହ ଗଣମାଧ୍ୟମ ସତ୍ୟ ଲୋକଲୋଚନକୁ ଆଣିବା ପାଇଁ ଉଦ୍ୟମ କଲେ ଯାଇ ନୀଳଗିରି ପୁଣି ଥରେ ତାର ହଜିଯାଇଥିବା ଅତୀତକୁ ଫେରପାଇବ ବୋଲି ମତପ୍ରକାଶ ପାଇଛି ।